# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 30 December – 2025

*******************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟବାସୀଙ୍କୁ ଇଂରାଜୀ ନୂଆବର୍ଷର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ
- ବରଗଡ଼ ଧନୁଯାତ୍ରାର ସପ୍ତମ ଦିନରେ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ମଥୁରା ନିମନ୍ତ୍ରଣ; ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାରାଜ କଂସଙ୍କ ଦରବାରରେ ହୋଇଛନ୍ତି ରାଜଅତିଥି

ଏବଂ

- ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବର ଆଜି ଉଦ୍‌ଯାପନୀ ସନ୍ଧ୍ୟା

# ନିଯୁକ୍ତିପତ୍ର ବଣ୍ଟନ

ରାଜ୍ୟରେ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ଓ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ସରକାର ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ରେଳ ଅଡିଟୋରିଆମ୍‌ଠାରେ ଆୟୋଜିତ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ୧୧ଟି ବିଭାଗ ପାଇଁ ମନୋନୀତ ୧ ହଜାର ୫୪୩ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରି କହିଛନ୍ତି, ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ପୂରଣ ଦିଗରେ ସରକାରଙ୍କ ସହ ନବନିଯୁକ୍ତ ଅଧିକାରୀମାନଙ୍କ ବଡ଼ ଭାଗୀଦାରି ରହିଛି। ନିଷ୍ଠାର ସହ ଦାୟିତ୍ୱ ସମ୍ପାଦନ କରି ଓଡ଼ିଶାବାସୀଙ୍କୁ ସେବାରୁ ନୂଆ ସ୍ୱର୍ଶ ଦେବାକୁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତମାନଙ୍କୁ ଆହ୍ୱାନ ଦେଇଛନ୍ତି।

**- V/O -(CM)**

ଶିକ୍ଷା କ୍ଷେତ୍ରରେ ଶିକ୍ଷକଙ୍କ ଯୋଗଦାନକୁ ବୃଦ୍ଧି କରିବା ପାଇଁ ଉତ୍ତମ ଗୁଣବତ୍ତା ଏବଂ ବିଶ୍ୱସ୍ତରୀୟ ଭିତ୍ତିଭୂମିର ଆବଶ୍ୟକତା ରହିଛି। ପ୍ରଥମ ପର୍ଯ୍ୟାୟରେ ୧୨ ହଜାର  କୋଟି ଟଙ୍କା ବ୍ୟୟରେ ୨ ହଜାର ୨୦୦ରୁ ଅଧିକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି।

ଗତ ଦେଢ଼ ବର୍ଷ ମଧ୍ୟରେ ୩୯ ହଜାର ୪୫୯ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି। ଆଗାମୀ ଦିନରେ ୬୫ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତିପତ୍ର ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସ୍ୱଚ୍ଛ, ଉତ୍ତରଦାୟୀ ଏବଂ

ସମୟାନୁବର୍ତ୍ତୀ ସେବା ଯୋଗାଇ ସମୃଦ୍ଧ ଓଡ଼ିଶା ଗଢ଼ିବାକୁ ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଜାତୀୟ ଶିକ୍ଷାନୀତି ୨୦୨୦, ନିପୁଣ ଓଡ଼ିଶା, ଶିଶୁ ବାଟିକା, ପ୍ରତି ପଂଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା, ଐତିହ୍ୟ ବିଦ୍ୟାଳୟ ଯୋଜନା, ଜନଜାତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡ୍ରପ୍‌ଆଉଟ୍ ହାର ହ୍ରାସ ପାଇଁ ସହିଦ୍ ମାଧୋ ସିଂ ହାତଖର୍ଚ୍ଚ ଯୋଜନା କାର୍ଯ୍ୟକାରୀ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

ନିଯୁକ୍ତି ମେଳାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୭୫୫ ଜଣ, ଓଡ଼ିଶା ପ୍ରଶାସନିକ ସେବାର ୩୮୨ ଜଣ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ୩୯୨ ଜଣ ଓ ଅନ୍ୟାନ୍ୟ ବିଭାଗରୁ ୧୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆବର୍ଷ ଅଭିନନ୍ଦନ

ଇଂରାଜୀ ନୂଆବର୍ଷ ୨୦୨୬ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଆଗୁଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ନୂଆବର୍ଷର ପ୍ରଥମ ଦିନ ସରକାରୀ କାର୍ଯ୍ୟଦିବସ ରହୁଥିବାରୁ ସମସ୍ତ ସରକାରୀ କାର୍ଯ୍ୟାଳୟରେ ନିୟମିତ ଅଫିସ କାର୍ଯ୍ୟ ଚାଲିବ । ସରକାରୀ କାର୍ଯ୍ୟାଳୟକୁ ଇଂରାଜୀ ନୂଆବର୍ଷ

ପାଳନର ସ୍ଥଳ ନ କରିବାକୁ ପରାମର୍ଶ ଦିଆଯାଇଛି । କେବଳ ବ୍ୟକ୍ତିଗତ ସୌଜନ୍ୟମୂଳକ ସାକ୍ଷାତ ବ୍ୟତୀତ ସରକାରୀ କାର୍ଯ୍ୟାଳୟ ପରିସରରେ ଅନ୍ୟ କୌଣସି ପ୍ରକାର ଉତ୍ସବ, ଭେଟଘାଟ ଓ ଭୋଜିଭାତ ଉପରେ କଟକଣା ଜାରି କରାଯାଇଛି ।  ମୁଖ୍ୟମନ୍ତ୍ରୀଙ୍କୁ କିମ୍ବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କୁ ନବବର୍ଷ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ପାଇଁ ବ୍ୟକ୍ତିଗତ ଭାବେ କେହି ନ ଆସିବାକୁ ଅନୁରୋଧ କରାଯାଇଛି ।

## ଛବିଳ ସାଏ

ସମ୍ବଲପୁର ଜିଲ୍ଲାର ରଣଭୂମି କୁଦୋପାଲ୍ଲୀରେ ସ୍ୱାଧୀନତା ସଂଗ୍ରାମୀ ଛବିଳ ସାଏଙ୍କ ସମେତ ୫୭ ଜଣ ବୀର ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସହିଦ୍ ଦିବସ ଉପଲକ୍ଷେ ଜିଲ୍ଲା ପ୍ରଶାସନ ପକ୍ଷରୁ ସଂଗ୍ରାମୀମାନଙ୍କୁ ୨୧ ତୋପ ସଲାମୀ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗ, ସମ୍ବଲପୁର ବିଧାନୟକ ଜୟନାରାୟଣ ମିଶ୍ର, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ପଶ୍ଚିମାଞ୍ଚଳ ଡିଆଇଜି ହିମାଂଶୁ ଲାଲ, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ଯୋଗଦେଇ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଏହି ଅବସରରେ କୁଦୋପାଲ୍ଲୀ ଗ୍ରାମରୁ  ସହିଦ୍ ସ୍ତମ୍ଭ ପର୍ଯ୍ୟନ୍ତ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

## ଜୟନ୍ତୀ-ଚାଖି ଖୁଣ୍ଟିଆ

ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତିର ମିଳିତ ସହଯୋଗରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଚାଖି ଖୁଣ୍ଟିଆଙ୍କ ୨୦୪ତମ ଜୟନ୍ତୀ ପାଳିତ

ହୋଇଯାଇଛି। ଦେଶର ସୁରକ୍ଷା ଓ ଗୌରବ ବୃଦ୍ଧି ପାଇଁ ବିପ୍ଳବୀ ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆଙ୍କ ଅବଦାନ ଅତୁଳନୀୟ। ତାଙ୍କ ଭଳି ମହାପୁରୁଷମାନଙ୍କ ସେବା, ତ୍ୟାଗ ଓ ବଳିଦାନ ପିଢ଼ି ପରେ ପିଢ଼ିଙ୍କୁ ଅନୁପ୍ରାଣୀତ କରୁଥିବ ବୋଲି ସଭାରେ ଅତିଥିମାନେ ମତ ବ୍ୟକ୍ତ କରିଥିଲେ।

## ଚର୍ଚ୍ଚାରେ ୨୦୨୫

ଅସୁମାରୀ ଆଶା-ଆକାଂକ୍ଷା, ସୁଖ-ସମୃଦ୍ଧି, ଆଶ୍ୱାସନା-ସମ୍ଭାବନାର ସମ୍ଭାର ନେଇ ଆସୁଛି ନବବର୍ଷ-୨୦୨୬। ପୁରୁଣାବର୍ଷକୁ ବିଦାୟ ଓ ନବବର୍ଷକୁ ସ୍ୱାଗତ ପାଇଁ ସାଂସ୍କୃତିକ ଆସରରେ ଗାଁଠୁ ସହର ହୋଇଉଠିଛି ଉତ୍ସବମୁଖର।

ବର୍ଷ ସାରାର ବିଭିନ୍ନ ଘଟଣାବଳୀକୁ ନେଇ ଆକାଶବାଣୀ କଟକ କେନ୍ଦ୍ରର ଆଂଚଳିକ ସମ୍ବାଦ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଆସନ୍ତାକାଲି ଅପରାହ୍ଣ ୪ଟାରେ ଶୁଣି ପାରିବେ ‘ଚର୍ଚ୍ଚାରେ ୨୦୨୫’ ।

## ବରଗଡ ଧନୁଯାତ୍ରା

**ବରଗଡ଼**ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ସପ୍ତମ ଦିବସରେ ଆଜି ମଥୁରା ନଗରୀରେ ଧନୁଯାତ୍ରାକୁ ନାରଦଙ୍କ ପରାମର୍ଶକ୍ରମେ ଶ୍ରୀକୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ, କଂସଙ୍କ ନଗରଭ୍ରମଣ, ହାଟପଦା ଦୁର୍ଗା ମନ୍ଦିରଠାରେ ଦୁର୍ଗାସ୍ତୁତି ଓ ରାଜଦରବାରରେ ନ୍ୟାୟ ବିଚାର କାର୍ଯ୍ୟକ୍ରମ ପରିବେଷଣ ହେଉଛି। ସେହିଭଳି ଗୋପପୁରରେ

ଗୋପୀଙ୍କ ଦଧିବିକା ଓ ରାଧାକୃଷ୍ଣଙ୍କ ନାବକେଳୀ, ଶଙ୍ଖଚୂଡ ବଧ ସହ ନନ୍ଦ ଦରବାରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରଗଡ଼ରେ ପହଞ୍ଚିଛନ୍ତି। ଆଜି ଶ୍ରୀ ମାଝୀ ମହାରାଜା କଂସଙ୍କ ରାଜଦରବାରର ରାଜଅତିଥିଭାବେ ଉପସ୍ଥିତ ରହିଛନ୍ତି।

ଧନୁଯାତ୍ରା ଉପଲକ୍ଷେ ୧୧ ଦିନ ପାଇଁ ବରଗଡ଼ ସହର 'ମଥୁରା' ଏବଂ ଅମ୍ବାପଲ୍ଲି ଅଞ୍ଚଳକୁ 'ଗୋପପୁର' କରାଯାଇଛି ।

## ପଥୋତ୍ସବ

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆସନ୍ତା ଜାନୁୟାରୀ ମାସ ୪ ତାରିଖରୁ ପଥୋତ୍ସବ ଆୟୋଜନ କରାଯିବ। କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମେ ୪ ତାରିଖ ଦିନ ଜନପଥରେ ପଥୋତ୍ସବ ଆରମ୍ଭ ହେବ ବୋଲି ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି।

## ପିକ୍‌ନିକ୍ କଟକଣା

ନୂଆବର୍ଷକୁ ସ୍ୱାଗତ ଏବଂ ପୁରୁଣା ବର୍ଷକୁ ବିଦାୟ ଦେବା ପାଇଁ ବିଭିନ୍ନ ସ୍ଥାନରେ ହସ-ଉଲ୍ଲାସ ସହ ବଣଭୋଜିର ଆୟୋଜନ କରାଯାଉଛି। ଏ ନେଇ ବିଭିନ୍ନ ପିକ୍‌ନିକ୍ ସ୍ପଟ୍ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଅସୁରକ୍ଷିତ ପରିବହନ, ଯାନର ବେଆଇନ୍ ବ୍ୟବହାର ଏବଂ ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ପରିବହନ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହାସହ ପିକ୍‌ନିକ୍ ସ୍ପଟ୍‌ର ପ୍ରବେଶ ଏବଂ ପ୍ରସ୍ଥାନ ପଥରେ ଯାଞ୍ଚ କରାଯିବ। ପିକ୍‌ନିକ୍

ବାହାରୁଥିବା ଯାନବାହାନଗୁଡ଼ିକ ଆରଟିଓଙ୍କଠାରୁ ଅନୁମତି ନେବା ସହ ଗାଡ଼ିର ସମସ୍ତ କାଗଜପତ୍ର ରହିବା ଜରୁରୀ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି ।

## ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ଏକକ ବ୍ୟବହାର ପ୍ଲାଷ୍ଟିକ୍‌ମୁକ୍ତ ଜିଲ୍ଲା ଲକ୍ଷ୍ୟରେ ସଫେଇ କାର୍ଯ୍ୟ ସହ ବାଲ୍ୟବିବାହମୁକ୍ତ ଭାରତ ଗଠନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖଡିଆଳର ତିଖାଲିଠାରେ ଆଜି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଡିଆଳ ବନବିଭାଗ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ । ମା’ ପାଇଁ ଗଛଟିଏ ଅଭିଯାନ ଅଧୀନରେ ବୃକ୍ଷରୋପଣ କରାଯିବା ପରେ ହରିପୁର ଗ୍ରାମରୁ ଏକ ସଚେତନତା ଶୋଭାଯାତ୍ରା ବିଭିନ୍ନ ଅଂଚଳ ପରିକ୍ରମା କରିଥିଲା ।

## ରବି ଫସଲ

**ଖୋର୍ଦ୍ଧା** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଚଳିତବର୍ଷ ରବି ଫସଲ ନିମନ୍ତେ ଜିଲ୍ଲାସ୍ତରୀୟ କୃଷି ରଣନୀତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉଦ୍ୟାନ କୃଷି, ଜଳସେଚନ, ମୃତ୍ତିକା ସଂରକ୍ଷଣ ଏବଂ ଜିଲ୍ଲାରେ ହୋଇଥିବା ବର୍ଷା ଅନୁପାତ ଉପରେ ଆଲୋଚନା କରାଯାଇଥିଲା । ବିପଣନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମାର୍କଫେଡ୍ କାର୍ଯ୍ୟଧାରା, ଶ୍ରୀଅନ୍ନ ଅଭିଯାନ ଏବଂ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା

ସମ୍ପର୍କିତ ବିଭିନ୍ନ ରଣନୀତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ଆଲୋଚନା କରିଥିଲେ।

## ମଣ୍ଡି ଉଦ୍‌ଘାଟନ

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଧାନକ୍ରୟ ମଣ୍ଡିକୁ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଆଜି ଉଦ୍‌ଘାଟନ କରିଛନ୍ତି। ଚଳିତ ଖରିଫ୍ ଋତୁରେ ଜିଲ୍ଲାରେ ୪୫ଟି ମଣ୍ଡି ଖୋଲାଯାଇ ପ୍ରାଥମିକ କୃଷି ସମବାୟ ସମିତି ଓ ବୃହତ୍‌କାର କୃଷି ସମବାୟ ସମିତି ଜରିଆରେ ଆଜିଠାରୁ ଧାନକିଣା ଆରମ୍ଭ ହୋଇଛି। ଚଳିତବର୍ଷ ଜିଲ୍ଲାରୁ ୭ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ପ୍ରାଣୀସମ୍ପଦ ମେଳା

**ନୟାଗଡ଼** ଜିଲ୍ଲା ଷ୍ଟାଡିୟମ୍ ପଡିଆରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାକୁ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। ଗ୍ରାମାଞ୍ଚଳର ଆର୍ଥିକ ଅଭିବୃଦ୍ଧିରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଅଧିକ ଗୁରୁତ୍ୱ ବହନ କରୁଥିବାରୁ ଏହି କ୍ଷେତ୍ରରେ ଶିକ୍ଷିତ ଯୁବଗୋଷ୍ଠୀ ସାମିଲ ହେବା ପାଇଁ ବିଧାୟକ ଶ୍ରୀ ସ୍ୱାଇଁ ଆହ୍ୱାନ ଦେଇଥିଲେ। ମେଳାରେ ବିଭିନ୍ନ ବିଭାଗର ୩୦ଟି ଷ୍ଟଲ୍ ପ୍ରଦର୍ଶିତ ହୋଇଛି। ଏହି ଅବସରରେ ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଓଡିଶୀ ନୃତ୍ୟ ମହୋତ୍ସବ

ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବର ଆଜି ଉଦ୍‌ଯାପନୀ ସନ୍ଧ୍ୟା । କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଓଡିଶୀ ନୃତ୍ୟଶିଳ୍ପୀ ଗୁରୁ ଆଲୋକା କାନୁନ୍‌ଗୋ ଆଜି ନୃତ୍ୟ ପରିବେଷଣ କରୁଛନ୍ତି । ଚଳିତବର୍ଷ ଏହି ମହୋତ୍ସବ ଗତ ୨୬ ତାରିଖରୁ ଆରମ୍ଭ ହୋଇଥିଲା । ଦେଶ ବିଦେଶରୁ ପ୍ରାୟ ୩୫୦ ଜଣ ନୃତ୍ୟଶିଳ୍ପୀ ମହୋତ୍ସବରେ ଅଂଶଗ୍ରହଣ କରିଛନ୍ତି ।

## ଗୋନାସିକା-ଫୁଟବଲ୍ ମ୍ୟାଚ୍

କେନ୍ଦୁଝର ଗୋନାସିକା ମହୋତ୍ସବ-୨୦୨୫ର ଅନ୍ତିମ ଦିବସରେ ଆଜି ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଜିଲ୍ଲା ପ୍ରଶାସନ ଏକାଦଶ ଓ ନାଗରିକ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଜିଲ୍ଲା ପ୍ରଶାସନ ଏକାଦଶ ୪/୨ ଗୋଲ୍‌ରେ ବିଜୟୀ ହୋଇଛି ।